# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 August – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମସ୍ଥାନ ଗୁରୁଜାଙ୍ଗକୁ ଐତିହ୍ୟ ଗ୍ରାମରେ ପରିଣତ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ
- ଦେଶରେ ପିଏମ୍-କୁସୁମ ଯୋଜନାରେ କୃଷି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ନେଇ କେନ୍ଦ୍ର ସରକାରଙ୍କ ପଦକ୍ଷେପ
- ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ୮୮ ବର୍ଷ ବୟସରେ ପରଲୋକ

ଏବଂ

- ଭୁବନେଶ୍ୱରରେ ଆସନ୍ତାକାଲି ଅନୁଷ୍ଠିତ ହେବ 'ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍'

## ଲକ୍ଷ୍ମଣାନନ୍ଦ ସରସ୍ୱତୀ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜନଜାତି ଲୋକଙ୍କ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମମାଟି ଅନୁଗୁଳ ଜିଲ୍ଲା ତାଳଚେରର ଗୁରୁଜଙ୍ଗଠାରେ ଜନ୍ମ ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାମୀଜୀଙ୍କ ଆଦର୍ଶ ଓ ସେବା ମନୋଭାବ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଚିରଦିନ ପାଇଁ ରହିବ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାର ହଜାର ଯୁବକ ଏଥିରେ ନିଜକୁ ସାମିଲ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୁରୁଜଙ୍ଗ ଗ୍ରାମକୁ ଏକ ଐତିହ୍ୟ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏହି ପବିତ୍ର ଭୂମିକୁ ସାମାଜିକ ସଂସ୍କାର, ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳତାର ଏକ ପ୍ରୟୋଗଶାଳାରେ ପରିଣତ କରି ଓଡ଼ିଶାର ବଂଚିତବର୍ଗ, ଶିଶୁ, ମାତୃଶକ୍ତି ଓ ଚାଷୀଭାଇଙ୍କୁ ସଶକ୍ତ କରିବା ଓ ସେମାନଙ୍କୁ ସମାଜରେ ସ୍ୱାଭିମାନ ସହ ଜୀଇଁବାର ସାମର୍ଥ୍ୟ ଦେବା ସ୍ୱାମୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସୁକାନ୍ତ ପାଣିଗ୍ରାହୀ ଓ ବହୁ ସାଧୁସନ୍ଥ ଯୋଗ ଦେଇଛନ୍ତି।

## ଜୋଶୀ-ପିଏମ୍ କୁସୁମ

କେନ୍ଦ୍ର ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହିତ ଏକ ବୈଠକରେ ଅଧ୍ୟକ୍ଷତା କରି ପିଏମ୍-କୁସୁମର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଧାର୍ଯ୍ୟଲକ୍ଷ୍ୟ ଉପରେ

ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଯୋଶୀ କହିଛନ୍ତି ବୈଠକରେ ପିଏମ୍-କୁସୁମ ଯୋଜନାର ପରବର୍ତ୍ତୀ ପର୍ଯ୍ୟାୟରେ କୃଷି କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବା ବିଷୟରେ ଆଲୋଚନା ହୋଇଛି । ଶ୍ରୀ ଯୋଶୀ କହିଛନ୍ତି, ଦେଶରେ ଏପର୍ଯ୍ୟନ୍ତ ପିଏମ୍-କୁସୁମ ଯୋଜନାରେ ୨୭ ଲକ୍ଷରୁ ଅଧିକ ପମ୍ପକୁ ସୌରଚାଳିତ କରାଯିବା ସହ ୧୫ ଦଶମିକ ୮ ଗିଗାୱାଟ ନବୀକରଣୀୟ ଶକ୍ତି ହାସଲ କରାଯାଇଛି । ଏହାଦ୍ୱାରା ପ୍ରତିବର୍ଷ ପ୍ରାୟ ୮୦୬ ନିୟୁତ ଲିଟର ଡିଜେଲ ସଞ୍ଚୟ କରାଯାଇ ପାରୁଛି  ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଶିଶୁ ଶିକ୍ଷା କର୍ମଶାଳା

ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା-ପିଏମ୍ ଉଷା ଅଭିଯାନ ପକ୍ଷରୁ **ଭଦ୍ରକ** ଜିଲ୍ଲା ଧାମନଗର ମହାବିଦ୍ୟାଳୟଠାରେ ୩ ଦିନିଆ ବାଳିକା ଶିଶୁ ଶିକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ବରିଷ୍ଠ ଶିକ୍ଷାବିତ୍, ସାଇବର କ୍ରାଇମ୍ ପୁଲିସ୍ ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷା ଅଧିକାର, ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ ଏବଂ ସାଇବର ଅପରାଧରୁ ଦୂରେଇ ରହିବା ଆଦି ସମ୍ପର୍କରେ ପରାମର୍ଶ ଦେଇଥିଲେ।

## କର୍ମଶାଳା

**ବୌଦ୍ଧ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଓ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ କର୍ମଶାଳାରେ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିରେଖା ନାୟକଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ଜିଲ୍ଲାର ୮୧ଟି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ନିଶାମୁକ୍ତି ଅଭିଯାନ

କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନରେ ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ **କେନ୍ଦୁଝର** ଜିଲ୍ଲା ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପାର୍ବତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ସମ୍ମିଳିତ ହୋଇ ଆଜିବନ ନିଶାମୁକ୍ତ ରହିବା ସହ ଦେଶ ଗଠନରେ ସହଯୋଗ ପ୍ରଦାନ ପାଇଁ ସମୂହ ଶପଥପାଠ କରି ୧୦ କୋଟି ସଂକଳ୍ପ ଅଭିଯାନର ଡିଜିଟାଲ ଶପଥପତ୍ର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ ।

## ଉଲ୍ଲାସ ସାକ୍ଷରତା ପକ୍ଷ

ରାଜ୍ୟରେ ଆସନ୍ତା ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ଉଲ୍ଲାସ ସାକ୍ଷରତା ପକ୍ଷ ଆୟୋଜନ କରାଯିବ । ଏଥିପାଇଁ ପ୍ରତ୍ୟେକ ଜିଲ୍ଲାକୁ ୨୦ ହଜାର ଏବଂ ପ୍ରତ୍ୟେକ ବ୍ଲକ୍‌କୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁଦାନ ମଞ୍ଜୁର କରାଯାଇଛି ।

## ପ୍ରଣବ ପଟ୍ଟନାୟକ

ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ଆଜି ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକଙ୍କ ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗୀତପ୍ରେମୀ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପହଂଚିଛନ୍ତି। ଓଡ଼ିଆ ସିନେମା ଜଗତକୁ ସେ ଅନେକ କାଳଜୟୀ ଗୀତ ଭେଟି ଦେଇଛନ୍ତି। ଏଥିପାଇଁ ତାଙ୍କୁ ସଂଗୀତ ନାଟକ ଏକାଡେମୀ ଓ ରାଜ୍ୟ ଚଳଚ୍ଚିତ୍ର ଓ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା......

ନିରବୀ ଯାଇଛି ସ୍ୱର, କିନ୍ତୁ ସ୍ମୃତିପଟରେ ଏବେବି ଝଂକୃତ ହେଉଛି ତାଙ୍କ ମଧୁର କଣ୍ଠ। ତାଙ୍କ ସ୍ୱରରେ ଥିଲା ଭିନ୍ନ ଏକ ଆତ୍ମୀୟତା, ଯାହା ଶ୍ରୋତାଙ୍କୁ ନିଜ ମନର ଅକୁହା କଥା ସହ ଯୋଡି ଦେଉଥିଲା। କଣ୍ଠରେ ତାଙ୍କର ଜୀବନ୍ତ ହୋଇଉଠୁଥିଲା ପ୍ରେମ, ବିରହ, ଆବେଗ, ଆନନ୍ଦ ଏବଂ ଜୀବନର ଅନେକ ରଙ୍ଗ। ଦୀର୍ଘ ସଂଗୀତ ଜୀବନରେ ସେ ଅନେକ ସୁମଧୁର ଗୀତ ସଂଗୀତ ପ୍ରେମୀଙ୍କୁ ଭେଟି ଦେଇଛନ୍ତି। ତାଙ୍କ ପ୍ରତ୍ୟେକ

ପରିବେଷଣରେ ଥିଲା ଶାସ୍ତ୍ରୀୟ ସଂଗୀତର ଭିତ୍ତି, ଶବ୍ଦ ପ୍ରତି ପ୍ରିତୀ ଏବଂ ଭାବକୁ ସ୍ୱରରେ ପ୍ରକାଶ କରିବାକୁ ଅସାଧାରଣ ଦକ୍ଷତା। ସେଥିପାଇଁ ତ ତାଙ୍କ ଅବର୍ତ୍ତମାନରେ ଆଜି ବି ଶ୍ରୋତାଙ୍କ ହୃଦୟରେ ସେ ଜୀବନ୍ତ।

୧୯୩୮ ମସିହା ଜାନୁୟାରୀ ମାସ ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରଣବ ପଟ୍ଟନାୟକ ପିଲାବେଳୁ ସଂଗୀତ ପ୍ରତି ଗଭୀର ରୁଚି ରଖୁଥିଲେ। ପିତା ଲାଲମୋହନ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇବା ସହ ଗୁରୁ କୁନାଲ ଆଦିନାରାୟଣ ରାଓଙ୍କଠାରୁ ସେ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ। ଆକାଶବାଣୀ କଟକ କେନ୍ଦ୍ରର ଜଣେ କଳାକାର ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

ବିଶେଷ କରି ପୁରୁଣା ଓଡ଼ିଆ ସଂଗୀତର ସୁବର୍ଣ୍ଣ ଅଧ୍ୟାୟ ସହ ତାଙ୍କ ନାମ ଅଙ୍ଗାଅଙ୍ଗୀ ଭାବେ ଜଡିତ।

୧୯୫୮ରେ ମା' ଚଳଚ୍ଚିତ୍ରରୁ ଜଣେ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ ଯାତ୍ରା ଆରମ୍ଭ କରିଥିବା ପ୍ରଣବଙ୍କ ସୁମଧୁର ସ୍ୱର ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ଓଡ଼ିଆ ସଂଗୀତର ଏକ ଅବିଚ୍ଛିନ୍ନ ପରିଚୟ ପାଲଟି ଯାଇଥିଲା।

ସମୟ ବଦଳିଛି, ସଂଗୀତର ଧାରା ବଦଳିଛି, ପିଢି ପରେ ପିଢି ଆସିଛନ୍ତି-କିନ୍ତୁ ପ୍ରଣବଙ୍କ କଣ୍ଠର ମାଧୁର୍ଯ୍ୟ କେବେ ପୁରୁଣା ହୋଇନାହିଁ। ତାଙ୍କ କଣ୍ଠରେ ପ୍ରେମ ପାଇଥିଲା ଭାଷା, ଭକ୍ତି ପାଇଥିଲା ଆତ୍ମା ଆଉ ଓଡ଼ିଆ ମାଟିର ମହକ ପାଇଥିଲା ସଂଗୀତ......

**- V/O -**

ଦୀର୍ଘ ସଂଗୀତ ଯାତ୍ରାରେ ପ୍ରଣବ ଓଡ଼ିଆ ସିନେମା, ଭଜନ, ଓଡିଶୀ, ଗଜଲ ଓ ସେମି କ୍ଲାସିକାଲ ସଂଗୀତରେ ନିଜର ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି। ସେ ଗାଇଥିବା ଗୀତଗୁଡ଼ିକ ମଧ୍ୟରେ ଇନ୍ଦ୍ରଧନୁର ସପ୍ତରଙ୍ଗ, ଯା'ରେ ମାଝୀ ଯା-ତୁ ନୌକା ବାହି ଯା, ସୀମାହୀନ ଦରିଆ-ସାଥୀହୀନ ଦୁନିଆଁ, ଆ'ରେ ମୀତ ଆ, ସ୍ମୃତି ତୋର ଫେରେ ସଂଗୀତପ୍ରେମୀଙ୍କ ମନ କିଣିଥିଲା।

**- V/O -**

ପ୍ରଣବ ପଟ୍ଟନାୟକଙ୍କ ଦୀର୍ଘ ସଂଗୀତ ଯାତ୍ରା କେବଳ ଜଣେ ବର୍ଷିଆନ୍ ଗାୟକଙ୍କ ସଫଳତାର କାହାଣୀ ନୁହେଁ, ଏହା ଓଡ଼ିଆ ସଂଗୀତର ବିକାଶ ଓ ପରିବର୍ତ୍ତନର ଏକ ଜୀବନ୍ତ ଫର୍ଦ୍ଦ। ତାଙ୍କ ସ୍ୱର ଓଡ଼ିଆ ସଂଗୀତପ୍ରେମୀଙ୍କ ମନରେ ଚିରଦିନ ପାଇଁ ଅମର ହୋଇ ରହିବ। ସ୍ୱରର ଏହି ଅମର ସାଧକଙ୍କୁ ଆକାଶବାଣୀ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

## ରକ୍ଷାବନ୍ଧନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ୨୮ ତାରିଖରେ ରକ୍ଷାବନ୍ଧନ ସହ ଶ୍ରୀବଳଭଦ୍ରଙ୍କ ଜନ୍ମ, ଶ୍ରୀସୁଦର୍ଶନଙ୍କ ଚାରିଆଶ୍ରମ ବିଜେ ନୀତି ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଗୋଟିଏ ଦିନର ସୂର୍ଯ୍ୟୋଦୟ ସମୟରେ ଯେଉଁ ତିଥି ରହିଥାଏ, ସେହି ତିଥିରେ ପର୍ବ ପାଳନ କରାଯାଇଥାଏ ।

## ଖରିଫ୍ ଧାନ

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଅଧୀନରେ ଖରିଫ୍ ଧାନ ବିକ୍ରୟ ପାଇଁ ୧୧ ହଜାର ୧୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକରଣଠାରୁ ଆରମ୍ଭ କରି ଧାନ କ୍ରୟ ପର୍ଯ୍ୟନ୍ତ ପ୍ରକ୍ରିୟାକୁ ସରଳ କରିବା ପାଇଁ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଉପଜିଲ୍ଲାପାଳ ଉମାଶଙ୍କର ବେହେରା କହିଛନ୍ତି। ଗତବର୍ଷ ଉପଖଣ୍ଡର ୧୨୧ଟି ପ୍ୟାକ୍ସ ଓ ୪୭ଟି ଏସ୍ଏଚଜିରେ ୪୯ ହଜାର ୫୬୧ ଜଣ ଚାଷୀ ପଞ୍ଜୀକରଣ କରିଥିଲେ।

## ସିଲଭର ମିଟ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତାକାଲି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୨୭ଟି ଦେଶର ୧୮୭ ଜଣ ଆଥଲେଟ୍ ଅଂଶଗ୍ରହଣ କରୁଛନ୍ତି। ଏଥିରେ ୧୨ଟି ଏସୀୟ ଦେଶର ୧୪୩ ଜଣ ଶ୍ରେଷ୍ଠ ଖେଳାଳି ସାମିଲ ଥିବା ଜଣାପଡିଛି। ମୁଖ୍ୟ ଅନ୍ତର୍ଜାତୀୟ ଦଳଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କାର ୨୪,

ଦକ୍ଷିଣ ଆଫ୍ରିକାର ୧୭ ଏବଂ ବ୍ରାଜିଲର ୧୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୧୮ଟି ଇଭେଣ୍ଟ ରହିଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡାବିତ୍ ଅନିମେଷ କୁଜୁର୍, ସ୍ୱାଧୀନ କୁମାର ମାଝୀ, କିଶୋର ଜେନା, ବାପି ହାଂସଦା, ଶ୍ରାବଣୀ ନନ୍ଦ ଏବଂ ପ୍ରଜ୍ଞା ପ୍ରଶାନ୍ତି ସାହୁ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷର ସଫଳ ବ୍ରୋଞ୍ଜସ୍ତରୀୟ ପ୍ରତିଯୋଗିତା ପରେ ସିଲଭର ସ୍ତରୀୟ ଆୟୋଜନ କରାଯାଉଛି।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ କ୍ରୀଡାକ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସୂରଜ କହିଛନ୍ତି..... ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନ୍‌ସିପ୍ ଓ ଏସୀୟ ଇନ୍‌ଡୋର ଆଇଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ଏହା ଏକ ବଡ଼ ପ୍ରସ୍ତୁତି ପଦକ୍ଷେପ।

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷା

ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ବନ୍ୟା ପ୍ରଭାବିତ ଭଦ୍ରକ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଆଜି ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦପାଇଁ ନିଷ୍ପତ୍ତି ନିଆଯାଇଛି।